# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 January – 2026**

## ରାଜାରାଣୀ ଉତ୍ସବ

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିବା ୩ ଦିନିଆ ଉତ୍ସବରେ ଯୋଗ ଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ରାଜାରାଣୀ ସଂଗୀତ ଉତ୍ସବ ରାଜ୍ୟର ସଂସ୍କୃତି ଓ ପରମ୍ପରାର ଏକ ନିଛକ ନିଦର୍ଶନ । ଶାସ୍ତ୍ରୀୟ ଓ ପାରମ୍ପରିକ ସଂଗୀତ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । କାର୍ଯ୍ୟକ୍ରମର ପ୍ରଥମ ଦିନରେ ଓଡ଼ିଶୀ ସଂଗୀତ ପରିବେଷଣ କରାଯାଇଥିଲା ।

## ପ୍ରାକ୍ ବଜେଟ୍ ପ୍ରସ୍ତୁତି

ପ୍ରାକ୍ ବଜେଟ୍ ୨୦୨୬-୨୭ ପ୍ରସ୍ତୁତି ନେଇ ଆଜିଠାରୁ ସରକାରଙ୍କ ପକ୍ଷରୁ ଆଲୋଚନା ଆରମ୍ଭ ହେବ । ଉନ୍ନୟନ କମିଶନର ଦେଓରଂଜନ କୁମାର ସିଂ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜିବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ବଜେଟ୍ ଉପରେ ଆଲୋଚନା ହେବ । ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭କୁ ଦୃଷ୍ଟିରେ ରଖି ଆସନ୍ତା ୨ ବର୍ଷ ଲାଗି ବଜେଟ୍ ଅଟକଳ ପ୍ରସ୍ତୁତ କରିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି ।

## ଅଟିଜିମ୍

ଅଟିଜିମ୍ ରୋଗର ସଠିକ୍ ଚିହ୍ନଟ, ପ୍ରମାଣପତ୍ର ଓ ସରକାରୀ ସୁବିଧା ସୁଯୋଗ ପାଇବା ପାଇଁ ଏକ ନିର୍ଭୁଲ ପଦ୍ଧତି ଅନୁସରଣ କରିବା ନେଇ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମନସ୍ତତ୍ତ୍ୱବିତ୍‌ମାନଙ୍କ ପାଇଁ ଏକ ତିନିଦିନିଆ ତାଲିମ ଶିବିର ଭୁବନେଶ୍ୱରଠାରେ ଚାଲିଛି । ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପନ ହେବ ।

---

## ପରୀକ୍ଷା ଫଳ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଦ୍ୱିତୀୟ ଏକକ ଓଡ଼ିଆ ଭାଷା ପରୀକ୍ଷା ଦଶମ ଶ୍ରେଣୀ ଏବଂ ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷା ଅଷ୍ଟମ ଶ୍ରେଣୀ ଫଳାଫଳ ଆଜି ଅପରାହ୍ନ ୨ଟାରେ ପ୍ରକାଶ ପାଇବ । ବୋର୍ଡ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ, ଏହି ଦୁଇଟି ପରୀକ୍ଷାର ଫଳାଫଳ ବୋର୍ଡ ୱେବ୍‌ସାଇଟ୍ bseodisha.ac.inରେ ଉପଲବ୍ଧ ହେବ ।

---

## ପରିଚାଳନା କମିଟି ବୈଠକ

**ପୁରୀ** ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପୁରୀ ଶ୍ରୀମନ୍ଦିର ପରିସରରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହେବ। ରତ୍ନଭଣ୍ଡାରର ଅଳଙ୍କାରର ଗଣତିମଣତି ନେଇ ବୈଠକରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟିର ଚିଠା ପ୍ରସ୍ତାବ, ଶ୍ରୀମନ୍ଦିର ସୁରକ୍ଷା, ମନ୍ଦିର ଆଇନ୍‌ରେ ସଂଶୋଧନ,

ଧାଡିଦର୍ଶନ, ଶୃଙ୍ଖଳିତ ନୀତିକାନ୍ତି ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ଜିଲ୍ଲା ମହୋତ୍ସବ

କେନ୍ଦ୍ରାପଡ଼ା ଜିଲ୍ଲା ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ପଲ୍ଲୀଶ୍ରୀ ମେଳା ଆଜି ଶେଷହେବ ।

**V/O**

## ବରିଷ୍ଠ ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ନୂଆପଡ଼ା ଜିଲ୍ଲାର ୭୩ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି । ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଜିଲ୍ଲାର ତୀର୍ଥଯାତ୍ରୀମାନେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଯାତ୍ରା କରିଛନ୍ତି । ସେମାନେ ଆସନ୍ତା ୨୨ ତାରିଖରେ ଫେରିବେ ବୋଲି ଜଣାପଡ଼ିଛି ।

## ପକ୍ଷୀ /ଡଲଫିନ୍ ଗଣନା

ଚିଲିକା ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ଥିବା ୫ଟି ରେଞ୍ଜରେ ଆସନ୍ତାକାଲିଠାରୁ ପକ୍ଷୀ ଗଣନା କରାଯିବ । ପକ୍ଷୀ ଗଣନା ପାଇଁ ୨୨ଟି ଦଳ ଗଠନ କରାଯାଇଛି । ଡଲଫିନ ଗଣନା ପାଇଁ ୧୮ଟି ଦଳ ନିୟୋଜିତ ହେବେ । ଆସନ୍ତା ୨୦ ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ୩ ଦିନ

ଡଲଫିନ୍ ଗଣନା କରାଯିବ ବୋଲି ଚିଲିକା ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ସୂଚନା ମିଳିଛି ।

## ରଗ୍‌ବୀ

କ୍ରୀଡ଼ା ଓ ଯୁବସେବା ବିଭାଗ, ରଗ୍‌ବୀ ଇଣ୍ଡିଆ ଏବଂ ଓଡ଼ିଶା ରାଜ୍ୟ ରଗ୍‌ବୀ ଆସୋସିଏସନ୍‌ର ମିଳିତ ସହଯୋଗରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଗତକାଲିଠାରୁ ଦଶମ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚମ୍ପିୟାନ୍‌ସିପ୍ ୨୦୨୫ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ଦିବସରେ ଗତକାଲି ୨୪ଟି ରାଜ୍ୟ ଦଳ ମଧ୍ୟରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ବାଳିକା ରଗ୍‌ବୀ ଦଳ ପୁଲ୍-ଡି ରେ ଉତ୍ତରପ୍ରଦେଶକୁ ୩୫-୦ ଏବଂ ରାଜସ୍ଥାନକୁ ୨୮-୦ ବ୍ୟବଧାନରେ ପରାସ୍ତ କରି ଅପରାଜିତ ରହିଛି ।

## ଖେଲୋ ଇଣ୍ଡିଆ

ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମଠାରେ ପ୍ରଥମ ରାଜ୍ୟ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ଭାରୋତ୍ତଳନ ଖେଳାଳି ଚୟନ ଶିବିର ଆରମ୍ଭ ହୋଇଛି । ଉଭୟ ପୁରୁଷ ଓ ମହିଳା ବର୍ଗରେ ୧୬ଟି କ୍ରୀଡ଼ା ପାଇଁ ୧୪ଟି ଜିଲ୍ଲାରୁ ୯୩ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି । ଶିବିରରେ ଯୋଗ୍ୟ କ୍ରୀଡ଼ାବିତ୍‌ମାନଙ୍କୁ ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ମିଳିବ ।

## ମଧୁମେହ

ବିଶ୍ୱରେ ଚୀନ୍ ପରେ ଭାରତରେ ଅଧିକ ସଂଖ୍ୟକ ମଧୁମେହ ରୋଗୀ ଥିବା ଜଣାପଡ଼ିଛି । ୨୦୨୪ ମସିହାରେ ଦେଶରେ ୯ କୋଟି ବୟସ୍କ ବ୍ୟକ୍ତି ମଧୁମେହ ରୋଗରେ ପୀଡ଼ିତ ଥିଲେ । ଚୀନ୍‌ରେ ସର୍ବାଧିକ ୧୪ କୋଟି

୮୦ ଲକ୍ଷ ଲୋକ ମଧୁମେହ ରୋଗରେ ଆକ୍ରାନ୍ତ ଥିବା ଏକ ରିପୋର୍ଟରେ କୁହାଯାଇଛି । ଚୀନ୍, ଭାରତ, ଆମେରିକା ଭଳି ଜନବହୁଳ ଦେଶଗୁଡ଼ିକରେ ଅତ୍ୟଧିକ ପରିମାଣରେ ମଧୁମେହ ରୋଗୀ ଥିବା ଜଣାପଡ଼ିଛି ।

# ପାଣିପାଗ

ରାଜ୍ୟରେ ଆସନ୍ତାକାଲି ପର୍ଯ୍ୟନ୍ତ ଶୀତର ପ୍ରଭାବ ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପଶ୍ଚିମା ଝଡ଼ ପ୍ରଭାବରେ ଏହା ପରବର୍ତ୍ତୀ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗତକାଲି ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ଝାରସୁଗୁଡ଼ାରେ ପଞ୍ଚମଥର ପାଇଁ ଗତକାଲି ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ସେଲ୍‌ସିୟସ୍ ସହିତ ୭୩ ବର୍ଷର ସର୍ବକାଳୀନ ରେକର୍ଡ ଭାଙ୍ଗିଥିବା ଜଣାପଡ଼ିଛି ।